জানকী এস্. মেনন্ এবং অন্যমানে।

বনাম

ডঃ. ভি.আর্.এস্. ক্রিষ্ণন্ এবং অন্যমানে

অক্টোবর 4,1996

[কে. রামাস্বামী এবং এস্.পি. কুর্দুকর্, ন্যায়মূর্ত্তিদ্বয়]

*দেৱানী প্রক্রিয়া সংহিতা, 1908:*

*"আদেশ 21, নিয়ম 90 — রাজ্য বকেয়া অসুলি পাইঁ নিলাম বিক্রয়—কু আপত্তি করাযাইছি—মৃতকঙ্ক ভূ-সম্পত্তির বিভাজন পাইঁ মকদ্দমা—মৃতকঙ্ক ভূ-সম্পত্তিরু আদায় হেবাকু থিবা আয়কর সম্পত্তি কর ইত্যাদির বকেয়া রাশি —নিলাম বিক্রয় পাইঁ রখাযাইথিবা কিছি সম্পত্তি —এহি আধাররে আপত্তি করাযাইছি যে, "আয়কর অধিনিয়মর ধারা 222 অনুসারে নির্দ্ধারিত প্রক্রিয়া পালন করাযাইনথিবারু, দেৱানী ন্যায়ালয়ঙ্কর কৌণসি ক্ষেত্রাধিকারিতা নথিলা — দর্শাযাইছি: মৃতকঙ্ক ভূ-সম্পত্তি উপরে প্রথম দেয় হেউছি আয়কর এবং অন্যান্য দেয়—মৃতকঙ্ক সম্পত্তিরু বকেয়া টিকস আদায় করিবা পাইঁ কার্য্যবিধি, সম্পত্তি বিভাজন পূর্বরু যথার্থ ভাবরে করাযাইথিলা—এহি পরিস্থিতিরে, আয়কর অধিনিয়ম অনুসারে কার্য্যানুষ্ঠান গ্রহণ করিবার আবশ্যকতা রহিছি, যাহাকু অগ্রাহ্য করাযাইথিলা—নিষ্পাদন ন্যায়ালয় যথার্থ ভাবে বকেয়া টিকস অসুলি করিবা এবং রাজ্যকু তাহা প্রদান করিবা লাগি কার্য্যানুষ্ঠান গ্রহণ করিছন্তি।*

*আয়কর অধিনিয়ম, 1961:*

*ধারা 222 এবং অনুসূচী II—টিকস আদায় পাইঁ কার্য্যবিধি—মৃতকঙ্ক ভূ-সম্পত্তির বিভাজন পাইঁ এক মকদ্দমারে আয়কর এবং অন্যান্য টিকস আদায় পাইঁ কার্য্যবিধি আরম্ভ করাযাইথিলা—এহি পরিস্থিতিরে, এহি অধিনিয়ম অনুযায়ী কার্য্যানুষ্ঠান গ্রহণ করিবার আবশ্যকতা রহিথিলা।*

দেৱানী অপিল ক্ষেত্রাধিকারিতা : দেৱানী অপিল সংখ্যা 13216-17/1996।

ସି.ଆର୍.ପି. ସଂଖ୍ୟା 1745 ଏବଂ 1980/1995 ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କର 1.11.95 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ : ଡି.ଡି. ଠାକୁର ଏବଂ ରମେଶ ବାବୁ ଏମ୍. ଆର୍ ।

ଉତ୍ତରଦାତାମାନଙ୍କ ପାଇଁ : ଏ.ଏସ୍.ନାମ୍ବିଆର, ଏସ୍.ବାଲାକ୍ରିଷ୍ଣନ୍, ଏସ୍.ପ୍ରସାଦ, ଶ୍ରୀମତୀ ରେବଥି ରାଘବନ, ଶ୍ରୀମତୀ ଶାନ୍ତ ବାସୁଦେବନ, ପି.କେ.ମନୋହର ଏବଂ କେ.କେ.ଅଗ୍ରୱାଲ ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ କେରଳ ଉଚ୍ଚ ନ୍ୟାୟାଳୟଙ୍କର ନଭେମ୍ବର 1, 1995 ରେ ସି ଆର୍ ପି ସଂଖ୍ୟା 1745 ଏବଂ 1980/1995 ରେ ଦିଆଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି । ଏହି ମାମଲାର ଏକ ପରିବର୍ତ୍ତନଶୀଳ ଇତିହାସ ଅଛି, ଯାହାର ବିବରଣୀର ପୁନରାବୃତ୍ତି ଆବଶ୍ୟକତା ନାହିଁ । ଏହା କହିବା ଯଥେଷ୍ଟ ହେବ ଯେ, ସ୍ୱର୍ଗତ ଭି. ମାଧବ ରାଜା ଆୟକର, ସମ୍ପତ୍ତି କର ଏବଂ କୃଷି ଆୟକର ପାଇଁ କିଛି ପ୍ରାପ୍ୟ ଦେଇଥିଲେ । ତାଙ୍କ ମୃତ୍ୟୁ ପରେ, ଯେତେବେଳେ ଏକ ବିଭାଜନ ମାମଲା, ଯଥା, ଓ ଏସ୍. ସଂଖ୍ୟା 1/64 ଅଂଶୀଦାରମାନଙ୍କ ସୀମା ଅନୁସାରେ ସମ୍ପତ୍ତି ବିଭାଜନ ପାଇଁ ଦାୟର କରାଯାଇଥିଲା, ରାଜ୍ୟ ଦ୍ୱାରା ଟିକସ ବକେୟା ଆଦାୟ ପାଇଁ ସମ୍ପତ୍ତି ସଂଲଗ୍ନ କରିବାକୁ ଏକ ପ୍ରୟାସ କରାଯାଇଥିଲା । ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ଏକ ରାଜିନାମା ଅନୁଯାୟୀ, ନ୍ୟାୟାଳୟ ଏକ ଆଦେଶ ପାରିତ କରିଥିଲେ ଏବଂ ସଂଯୁକ୍ତ ଆୟୁକ୍ତମାନଙ୍କୁ ସମ୍ପତ୍ତିରୁ ବକେୟା ଆଦାୟ କରିବାକୁ ଏବଂ ଆୟକର ଏବଂ ଅନ୍ୟାନ୍ୟ ସରକାରୀ ବକେୟା ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏକ ଆବେଦନ ଉପରେ, ଜୁଲାଇ 15,1967 ରେ ଅନ୍ତିମ ବିଚାରଦେଶ ପାରିତ ହୋଇଥିଲା ଯେଉଁଥିରେ ଅପିଲକାରୀମାନେ 4/13 ତମ ଅଂଶ କ୍ରୟ କରିଥିଲେ। ରାଜ୍ୟର ଦେୟ ଅସୁଲି ପାଇଁ ଅନ୍ତିମ ବିଚାରଦେଶ କାର୍ଯ୍ୟବିଧିରେ କେତେକ ସମ୍ପତ୍ତି ଚିହ୍ନଟ କରାଯାଇଥିଲା ଏବଂ ଶେଷରେ ଦେବୀ ବିଳାସ ରାଜପ୍ରସାଦ ମଧ୍ୟ ବକେୟାର ଅସୁଲି ପାଇଁ ଜାନୁଆରୀ 28,1983 ରେ ନ୍ୟାୟାଳୟଙ୍କ ଆଦେଶ ଦ୍ୱାରା ବିକ୍ରି କରିବାକୁ ରାଜି ହୋଇଥିଲେ । ରାଜ୍ୟର ଟିକସ ଆଦାୟ ପାଇଁ ସହ-ଭାଗୀମାନଙ୍କୁ ସମ୍ପତ୍ତି ବିକ୍ରୟ କରିବା ପାଇଁ ଅନେକ ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା।ଫଳସ୍ୱରୂପ, 1992 ମସିହା ଅପ୍ରେଲ 8 ତାରିଖରେ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସାର୍ବଜନୀନ ନିଲାମୀ ଦ୍ୱାରା ଏହି ସମ୍ପତ୍ତିକୁ ବିକ୍ରି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।ଉପଯୁକ୍ତ

ପ୍ରଚାର ପରେ, ବିବାଦୀୟ ସମ୍ପତ୍ତିଟି 15 ଜୁନ୍ 1992ରେ 31,15,000 ଟଙ୍କାରେ ବିକ୍ରି ହୋଇଥିଲା ।ବିକ୍ରୟର ସର୍ତ୍ତାବଳୀ ଅନୁଯାୟୀ, ନିଲାମ ରାଶିର 1/4 ଅଂଶ ତୁରନ୍ତ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ତା'ପରେ 15 ଦିନ ମଧ୍ୟରେ ଜମା କରିବାକୁ ପଡ଼ିବ । ଯଦି କୌଣସି କାରଣରୁ ଖିଲାପି ହୁଏ, ତେବେ ଏକ ଚତୁର୍ଥାଂଶ ରାଶି ବାଜ୍ୟାପ୍ତ ହେବାକୁ ଥିଲା । ଏହି ସମୟ ମଧ୍ୟରେ, ମାମଲା ବିଚାରାଧୀନ ଥିବାରୁ, ମାମଲାଟି ଦୁଇଥର ଏହି ନ୍ୟାୟାଳୟରେ ପହଞ୍ଚିଥିଲା । ଏହି ନ୍ୟାୟାଳୟରେ ଏସ୍ ଏଲ୍ ପି (ସି) ସଂଖ୍ୟା 8040/92 ଦାଖଲ କରାଯାଇଥିଲା, ଯେଉଁଠାରେ ଏହି ନ୍ୟାୟାଳୟ ବିକ୍ରୟର ନିଶ୍ଚିତକରଣ ଉପରେ ସ୍ଥଗିତାଦେଶ ଜାରି କରି ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ କରିଥିଲେ । ଫଳସ୍ୱରୂପ, ନିଲାମ କ୍ରେତା-ଉତ୍ତରଦାତା ଜୁନ୍ 26, 1992 ରେ ନ୍ୟାୟାଳୟରେ ନିଲାମରୁ ଓହରି ଯିବା ପାଇଁ ଅନୁମତି ମାଗି, ଏକ ଆବେଦନ ଦାଖଲ କରିଥିଲେ ଏବଂ । ସେହି ଆବେଦନକୁ ବିଚାରାଧୀନ ରଖି, ସେମାନେ ଜୁନ୍ 29,1992 ରେ 3/4 ଅଂଶ ଜମା କରିବା ପାଇଁ ସମୟ ବୃଦ୍ଧି ପାଇଁ ଅନ୍ୟ ଏକ ଆବେଦନ ଦାଖଲ କରିଥିଲେ । ପରିଶେଷରେ, 19 ସେପ୍ଟେମ୍ବର 1992 ତାରିଖର ଆଦେଶ ଦ୍ୱାରା, ଏହି ନ୍ୟାୟାଳୟ ପୂର୍ବରୁ ହୋଇଥିବା ବିକ୍ରୟ ଇତ୍ୟାଦିକୁ ନିଶ୍ଚିତ କରିବା ପାଇଁ ନିଷ୍ପାଦନ ନ୍ୟାୟାଳୟଙ୍କୁ ସ୍ୱାଧୀନତା ଦେବା ସହିତ ସ୍ୱତନ୍ତ୍ର ଅନୁମତି ଆବେଦନକୁ ଖାରଜ କରିଦେଇଛନ୍ତି । ଇତି ମଧ୍ୟରେ, ନ୍ୟାୟାଳୟ ନିଲାମରୁ ପ୍ରତ୍ୟାହାର ପାଇଁ ଅନୁମତି ଏବଂ ସମୟ ବୃଦ୍ଧି ପାଇଁ ନିଲାମ-କ୍ରେତାଙ୍କ ଆବେଦନ ଉପରେ ଅନିର୍ଦ୍ଦିଷ୍ଟ ଆଦେଶ ପାରିତ କରିଥିଲେ । ନିଲାମୀ କ୍ରେତା ଉଚ୍ଚ ନ୍ୟାୟାଳୟରେ ଏକ ପୁନରୀକ୍ଷଣ ଦାଖଲ କରିଥିଲେ । ବିଜ୍ଞ ଏକକ ବିଚାରପତି, ସ୍ୱତନ୍ତ୍ର ଅନୁମତି ଆବେଦନରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ମାମଲା ଉପରେ ବିଚାର କରିବାକୁ ବିଚାର କରୁଥିବା ନ୍ୟାୟାଳୟଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଆବେଦନକାରୀମାନେ ସିପିସିର ଆଦେଶ 21, ନିୟମ 90, ଅଧୀନରେ ବିକ୍ରୟକୁ ବାତିଲ କରିବାକୁ ଏକ ଆବେଦନ ମଧ୍ୟ ଦାଖଲ କରିଥିଲେ । ଏହି ସମସ୍ତ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରାଯାଇଥିଲା ଏବଂ ଅଗଷ୍ଟ 16,1995 ତାରିଖର ଆଦେଶ ଅନୁଯାୟୀ, ନିଷ୍ପାଦନ ନ୍ୟାୟାଳୟ ବିକ୍ରୟ ଉପରେ ଆପତ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ବଳକା ରାଶି ପ୍ରଦାନ ପାଇଁ ସମୟ ବୃଦ୍ଧି କରିଥିଲେ । ଏହାପରେ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟଙ୍କୁ ପୁନରୀକ୍ଷଣ ପାଇଁ ପଠାଯାଇଥିଲାଏବଂ ଉଚ୍ଚ ନ୍ୟାୟାଳୟ ଏହି ପୁନରୀକ୍ଷଣ ଆବେଦନକୁ ଖାରଜ କରିଦେଇଥିଲେ । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ ।

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଡି.ଡି. ଠାକୁର ଯୁକ୍ତି ବାଢିଛନ୍ତି ଯେ, ନଥିରୁ ଏହା ସ୍ପଷ୍ଟ ଯେ, ଟିକସ ଆଦାୟ ପାଇଁ ବକେୟା, ବିକ୍ରୟ ତାରିଖ ଅନୁସାରେ ପରିଶୋଧ

କରାଯାଇଥିଲା।ତେଣୁ, ସମ୍ପତ୍ତିକୁ ବିକ୍ରି କରାଯାଇପାରିବ ନାହିଁ । ଏହି ନ୍ୟାୟାଳୟ ଏହି ବିବାଦକୁ ବିଚାର କରି, ନଭେମ୍ବର 27,1995 ରେ ଏକ ଆଦେଶ ପ୍ରଦାନ କରିଥିଲେ ଯେଉଁଥିରେ ଉତ୍ତରଦାତାମାନଙ୍କୁ ନିଲାମ ତାରିଖ ଅନୁଯାୟୀ, ଜୁନ୍ 15,1992 ଅନୁଯାୟୀ କୌଣସି ଦାୟିତ୍ୱ ରହିଛି କି ନାହିଁ, ତାହା ନଥିରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ଅନୁଯାୟୀ, ଡିସେମ୍ବର 6, 1995 ତାରିଖରେ ଏକ ପ୍ରମାଣପତ୍ର ଉପସ୍ଥାପିତ ହୋଇଥିଲା ଯେଉଁଥିରେ ୱାର୍ଡ-2, ପାଲଘାଟର ଆୟକର ଅଧିକାରୀ ପ୍ରମାଣିତ କରିଥିଲେ ଯେ, କୋଲେନଗୋଡ ସମ୍ପତିର ଭେଣୁଗୋପାଳ ବର୍ମା ରାଜାଙ୍କ ସମ୍ପତ୍ତିରୁ 5,15,824 ଟଙ୍କା ଏବେ ବି ଦେୟ ଏବଂ ଆଦାୟଯୋଗ୍ୟ ରହିଛି । ଏହି ତଥ୍ୟଗୁଡ଼ିକୁ ଦୃଷ୍ଟିରେ ରଖି, ପ୍ରଶ୍ନ ଉଠୁଛି ଯେ, ଆବେଦନକାରୀମାନଙ୍କ ଦ୍ୱାରା ଉଠାଯାଇଥିବା ଆପତ୍ତିଗୁଡ଼ିକ ଗ୍ରହଣୀୟ କି?

ଏହା ସତ୍ୟ ଯେ, ନିଷ୍ପାଦନ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ, ସମ୍ପତ୍ତିକୁ ବିକ୍ରୟ କରାଯାଇପାରିବ ନାହିଁ, କାରଣ ବକେୟା ରାଶି ବିକ୍ରୟ ତାରିଖ ସୁଦ୍ଧା ପୈଠ ହୋଇସାରିଛି, ଏହି ଭୁଲ ଧାରଣା ଉପରେ ବିଚାର କରାଯାଇ ନଥିଲା ଯେ, ଏହି ନ୍ୟାୟାଳୟପୂର୍ବରୁ ହିଁ ନିର୍ଦ୍ଦେଶ ଦେଇସାରିଛନ୍ତି ଯେ, ବିକ୍ରିକୁ ନିଶ୍ଚିତ କରାଯିବା ଉଚିତ କି ନୁହେଁ ଏବଂ ନିଷ୍ପାଦନ ନ୍ୟାୟାଳୟଙ୍କ ଦ୍ୱାରା ଅନୁମୋଦିତ ବିକ୍ରୟକୁ ଏହି ନ୍ୟାୟାଳୟ ଅନ୍ୟ ଏକ ପୂର୍ବବର୍ତ୍ତୀ ଆଦେଶରେ ସ୍ୱୀକାର କରିଥିଲେ । କିନ୍ତୁ ଟିକସ ଆଦାୟ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରମାଣପତ୍ରକୁ ଦୃଷ୍ଟିରେ ରଖି, ସ୍ୱୀକାର କରାଯାଇଛି ଯେ, ମୃତ ଭେଣୁଗୋପାଳ ବର୍ମା ରାଜାଙ୍କ ସମ୍ପତ୍ତିରୁ 5 ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ପରିମାଣ ଦେୟ ଏବଂ ଆଦାୟଯୋଗ୍ୟ ଥିଲା।ଶ୍ରୀ ଠାକୁର ଆୟକର ଅଧିନିୟମ ଧାରା 222 ଏବଂ ଆୟକର, ସମ୍ପତ୍ତି କର ଇତ୍ୟାଦିର ବକେୟା ଆଦାୟ ପାଇଁ ସେହି ଅଧିନିୟମର ଅନୁସୂଚୀ II ରେ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଉପରେ ନିର୍ଭର କରିଛନ୍ତି । ଯେହେତୁ ସେହି ପ୍ରକ୍ରିୟା ଅନୁସରଣ କରାଯାଇ ନଥିଲା ଏବଂ ନିୟମାବଳୀର ନିୟମ 9, ଦେୱାନୀ ନ୍ୟାୟାଳୟର କ୍ଷେତ୍ରାଧିକାରିତା ପାଇଁ ଏକ ପ୍ରତିବନ୍ଧକ ଥିଲା, ତେଣୁ ଅର୍ଥର ଆଦାୟ ପାଇଁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଆଇନଗତ କ୍ଷମତା ବିନା ଥିଲା ।ଆମେ ଯୁକ୍ତିରେ କୌଣସି ଦୃଢତା ପାଉନାହୁଁ । ଧାରା 222 ଏବଂ ଅନୁସୂଚୀ II କର ଆଦାୟ ଅଧିକାରୀଙ୍କ ଦ୍ୱାରା କରଦାତା କିମ୍ବା କରଦାତାଙ୍କ ସମ୍ପତ୍ତିରୁ ବକେୟା କର ଆଦାୟ ପାଇଁ ଗ୍ରହଣ କରାଯିବା ପ୍ରକ୍ରିୟା ସହିତ ସମ୍ପର୍କିତ ଅଟେ । ଏହି ମାମଲାରେ, ଟିକସ ଆଦାୟ ଅଧିକାରୀ ଅଧିନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ । ଏହା ଦେଖାଯାଉଛି ଯେ, ଯେତେବେଳେ ରାଜ୍ୟ ପକ୍ଷରୁ, ଯେପରି ପୂର୍ବରୁ କୁହାଯାଇଥିଲା, ପକ୍ଷମାନଙ୍କର ସହମତି ଏବଂ ସମ୍ମତି ଦ୍ୱାରା ସମ୍ପତ୍ତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେଷ୍ଟା କରାଯାଇଥିଲା, ସେତେବେଳେ ରାଜ୍ୟକୁ ବକେୟା ଦେୟ ପରିଶୋଧ କରିବା ପାଇଁ ସମ୍ପତ୍ତିକୁ ବିକ୍ରୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମୃତକଙ୍କ ସମ୍ପତ୍ତି ଉପରେ ଆୟକର ଏବଂ ଅନ୍ୟାନ୍ୟ

ଦେୟ ପ୍ରଥମେ ଆଦାୟ କରାଯାଏ । ତେଣୁ, ସେମାନେ ସମ୍ପତ୍ତି ବିଭାଜନ ପୂର୍ବରୁ ସମ୍ପତ୍ତିରୁ ବକେୟା ଟିକସ ଆଦାୟ କରିବାକୁ ଠିକ୍ ଭାବରେ ପଦକ୍ଷେପ ନେଇଥିଲେ । ଫଳସ୍ୱରୂପ, ଆୟକର ଅଧିକାରୀ ଏହାର ଅସୁଲି ପାଇଁ ଅଧିନିୟମ ଧାରା 222 ଏବଂ ଅନୁସୂଚୀ II ର ବ୍ୟବସ୍ଥା ବ୍ୟବହାର କରି ନଥିଲେ । ତେଣୁ ଏହି ଅଧିନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତାକୁ ଏଡ଼ାଇ ଦିଆଯାଇଥିଲା । ନିଷ୍ପାଦନ ନ୍ୟାୟାଳୟ ପ୍ରାପ୍ୟ ଟିକସ ଆଦାୟ ଏବଂ ରାଜ୍ୟକୁ ତାହା ପ୍ରଦାନ କରିବାର କ୍ଷମତା ମଧ୍ୟରେ ଥିଲେ ।

ଶ୍ରୀ ଠାକୁର ଦୁଇଟି ଦସ୍ତାବିଜ ଉପରେ ନିର୍ଭର କରିବାକୁ ଚେଷ୍ଟା କରିଥିଲେ ଯେଉଁଥିରେ ପରିମାଣଗୁଡ଼ିକୁ ସମାୟୋଜିତ କରାଯାଇଥିବା ଉଲ୍ଲେଖ ଥିଲା ଏବଂ ଏଥିରୁ ଏକ ନିଷ୍କର୍ଷ ବାହାର କରିବାକୁ ଚେଷ୍ଟା କରିଥିଲେ ଯେ, ଭେଣୁଗୋପାଳ ବର୍ମା ରାଜାଙ୍କ ସମ୍ପତ୍ତିରୁ କୌଣସି ପରିମାଣ ଦେୟ ନଥିଲା ।ତାଙ୍କ ଉପସ୍ଥାପନରେ ଆମେ କୌଣସି ଦୃଢ଼ତା ପାଉନାହୁଁ । ଏହି ଚିଠିଗୁଡ଼ିକ ସୂଚାଇ ଦେଉଛି ଯେ, ସମ୍ପତ୍ତିରୁ ଆଦାୟଯୋଗ୍ୟ ମୋଟ ରାଶି ମଧ୍ୟରୁ, ସିଭିଲ୍ ଦେୱାନୀ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ଯୁଗ୍ମ ଆୟୁକ୍ତମାନଙ୍କଠାରୁ 6,60,000 ଟଙ୍କା ସଂଗ୍ରହ କରାଯାଇଥିଲା ଏବଂ ଏହି ରାଶିକୁ ଖର୍ଚ୍ଚ କର ଏବଂ ସମ୍ପତ୍ତି କର ବାବଦରେ ବକେୟା ଥିବା ନିର୍ଦ୍ଦିଷ୍ଟ ରାଶି ପାଇଁ ଖର୍ଚ୍ଚ କରାଯାଇଛି । କୃଷି ଆୟକର ସମ୍ପର୍କରେ, କିଛି ସମ୍ପତ୍ତି ବିକ୍ରି କରାଯାଇଥିଲା ଏବଂ 12,000 ଟଙ୍କା ଏବଂ ଅନ୍ୟାନ୍ୟ ରାଶି ବଳକା ରହିଥିଲା । ଏହାର ଫେରସ୍ତ ପାଇଁ, ମକଦ୍ଦମାର ଜଣେ ପ୍ରତିବାଦୀ, ଯଥା, 7ମ ପ୍ରତିବାଦୀ ଏକ ଆବେଦନ କରିଥିଲେ ଏବଂ ତା'ପରେ ରାଶି ଫେରସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଦୁଇଟି ଦସ୍ତାବିଜ ସୂଚାଇବ ନାହିଁ ଯେ, କରଦାତାଙ୍କଠାରୁ କୌଣସି ରାଶି ବକେୟା ନଥିଲା । ପୂର୍ବରୁ ଡିସେମ୍ବର 6, 1995 ରେ ଆୟକର ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ରରୁ ଦେଖାଯାଇଥିଲା ଯେ, ସମ୍ପତ୍ତିରୁ 5,15,000 ଟଙ୍କା ଏବଂ ଅତିରିକ୍ତ ପରିମାଣ ଏବେ ବି ବକେୟା ଏବଂ ଆଦାୟଯୋଗ୍ୟ ଥିଲା ।

ତା'ପରେ ଏହା ଯୁକ୍ତି କରାଯାଏ ଯେ, ଯେହେତୁ ସମ୍ପତ୍ତିଟି ମୂଲ୍ୟବାନ ସମ୍ପତ୍ତି ଏବଂ ଅଳ୍ପ ପରିମାଣରେ ବିକ୍ରି ହୋଇଥିଲା, ଏହି ନ୍ୟାୟାଳୟ ହସ୍ତକ୍ଷେପ କରି ଆବେଦନକାରୀଙ୍କୁ ଜମା ହୋଇଥିବା ଏକ ଚତୁର୍ଥାଂଶ ରାଶିର ସୁଧ ଏବଂ ନିଲାମ କ୍ରେତାଙ୍କୁ କିଛି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇପାରନ୍ତି । ଏହି ଯୁକ୍ତିକୁ ବିଚାର କରିବା ପରେ, ଆମେ ଏହି ମାମଲାର ତଥ୍ୟ ଉପରେ ଜାଣିବାକୁ ପାଉଛୁ ଯେ, ନ୍ୟାୟାଳୟଙ୍କ ପକ୍ଷରୁ ବିକ୍ରୟରେ ହସ୍ତକ୍ଷେପ କରିବା ଯଥାର୍ଥ ହେବ ନାହିଁ । ଏହା ଦେଖାଯାଉଛି ଯେ ପୂର୍ବରୁ, ନିଷ୍ପାଦନ ନ୍ୟାୟାଳୟ ପକ୍ଷମାନଙ୍କ ମଧ୍ୟରେ ବିକ୍ରୟଟି ବିଫଳ ହୋଇଥିବାରୁ ସୀମାବଦ୍ଧ କରିଥିଲେ । ଏହି ନ୍ୟାୟାଳୟ ଏହି ମାମଲାଟିର ପ୍ରଥମ ପର୍ଯ୍ୟାୟରେ, ଅନେକ ନିର୍ଦ୍ଦେଶ ଦେଇ ସମ୍ପତ୍ତିକୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ତାହା ବିଫଳ ବୋଲି ପ୍ରମାଣିତ ହୋଇଥିଲା । ଏହି ନ୍ୟାୟାଳୟ  ଦ୍ୱିତୀୟ ଥର ପାଇଁ ବିକ୍ରୟର

ନିଶ୍ଚିତକରଣ କରାଯିବ କି ନାହିଁ ତାହା ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନ୍ୟାୟାଳୟ ଏହି ପ୍ରଶ୍ନ ଉପରେ ବିଚାର କରିଥିଲେ । ଏପରିକି କେତେକ ଟିକସର ବକେୟା ଏହି ମାମଲାରେ କେତେକ ବିଚାରଧିନ ବ୍ୟକ୍ତିଙ୍କ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗ ମଧ୍ୟରୁ ଅନ୍ୟତମ ଥିଲା ଏବଂ ଏହି ନ୍ୟାୟାଳୟ ଏହି ଯୁକ୍ତି ସହିତ ସହମତ ହୋଇନଥିଲେ ଯେ, ଟିକସ ବକେୟା ଅର୍ଥ ପାଇଁ କୌଣସି ଦାୟିତ୍ୱ ନାହିଁ ।ଏହି ପୃଷ୍ଠଭୂମିରୁ ବିଚାର କଲେ, ଯଥା, ଚାଲିଥିବା ମାମଲାଗୁଡ଼ିକର ପ୍ରକୃତି ଏବଂ ଏହି ନ୍ୟାୟାଳୟଙ୍କ ଦ୍ୱାରା ପକ୍ଷମାନଙ୍କ ମଧ୍ୟରେ ଆଲୋଚନା ଦ୍ୱାରା ଏକ ସୌହାର୍ଦ୍ଦପୂର୍ଣ୍ଣ ସମାଧାନ ପାଇଁ ବିକ୍ରୟ ମାଧ୍ୟମରେ ମାମଲାର ସମାଧାନ ପାଇଁ ଦିଆଯାଇଥିବା ଅନେକ ସୁଯୋଗ, ନିରର୍ଥକ ହୋଇଥିବାରୁ, ଆମେ ଭାବୁନାହୁଁ ଯେ, ଏହା ହସ୍ତକ୍ଷେପକୁ ସମର୍ଥନ କରୁଥିବା ଏକ ଉପଯୁକ୍ତ ମାମଲା । ଆମେ କୌଣସି ପ୍ରକ୍ରିୟାଗତ ଉଲ୍ଲଂଘନ ପାଉନାହୁଁ ।ଅନ୍ୟଥା, କୌଣସି, ନ୍ୟାୟାଳୟ ବିକ୍ରୟ ସଫଳତାର ସହ କାର୍ଯ୍ୟକାରୀ ହେବ ନାହିଁ ।

ସେହି ଅନୁଯାୟୀ ଆବେଦନଗୁଡ଼ିକୁ ଖାରଜ କରାଯାଉଛି, କିନ୍ତୁ ଏହି ପରିସ୍ଥିତିରେ, କୌଣସି ଖର୍ଚ୍ଚ ନାହିଁ ।

ଆମକୁ ଜଣାଇ ଦିଆଯାଇଛି ଯେ, ବକେୟା ରାଶି ପୂର୍ବରୁ ଜମା ହୋଇସାରିଛି । ତେଣୁ, ବିକ୍ରୟ ନିଶ୍ଚିତ କରିବା ପାଇଁ କାର୍ଯ୍ୟକାରୀ ନ୍ୟାୟାଳୟ ଉନ୍ମୁକ୍ତ ଅଟନ୍ତି । ଯଦି ସେମାନେ ଆଜିଠାରୁ ଛଅ ସପ୍ତାହ ମଧ୍ୟରେ ସେମାନଙ୍କର ସାଧାରଣ ବିବରଣୀ ଦାଖଲ କରନ୍ତି, ତେବେ ଆଜିଠାରୁ ଛଅ ମାସର ସମୟ ମଧ୍ୟରେ ଆବେଦନକାରୀମାନେ ଯେଉଁ ସ୍ଥାନର କିଛି ଅଂଶ ଦଖଲ କରିଛନ୍ତି, ତାହାକୁ ଖାଲି କରିବା ପାଇଁ ଆବେଦନକାରୀମାନଙ୍କୁ ମଞ୍ଜୁରୀ ପ୍ରଦାନ କରାଯାଇଛି ।

ଆର୍.ପି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।

"**ଅନୁବାଦିକା**

**ସଙ୍ଗୀତା ସେନାପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**